The Odisha Gazette

EXTRAORDINARY

PUBLISHED BY AUTHORITY

No. 929 CUTTACK, MONDAY, APRIL 8, 2024/CHAITRA 19, 1946

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

ଅଧିସୂଚନା

No. 7328--RDM-LAA-MBJ-0025/2023-R&DM, Dated 13-03-2024

ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ମୟୂରଭଞ୍ଜ ଜିଲ୍ଲାରେ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର କେଶହରି ଡିଷ୍ଟ୍ରିବ୍ୟୁଟାରୀ ଏବଂ ଅଁଳା ସବ୍-ମାଇନର ନିର୍ମାଣ ନିମନ୍ତେ ସରକାରୀ ବ୍ୟୟରେ ମୌଜା- **ଅଁଳା**, ଥାନା- ବୈଶିଙ୍ଗା, ନଂ. ୨୦୨, ତହସିଲ- ବେତନଟୀ, ଜିଲ୍ଲା- ମୟୂରଭଞ୍ଜ ରେ ନିମ୍ନ ତଫସିଲ ମତେ ପ୍ରାୟ **ଏ. ୧.୪୮** ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି;

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR &R Act, 2013) ର ୧୧(୧) ଧାରା ରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀ ରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ଧାରା ୧୧(୧) ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚୀତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧- ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୁପ- ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର କେଶହରି ଡିଷ୍ଟ୍ରିବ୍ୟୁଟାରୀ ଏବଂ ଅଁଳା ସବ୍-ମାଇନର ନିର୍ମାଣ ନିମନ୍ତେ ।

୨- ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ଅଧିକ୍ଷଣ ଯନ୍ତ୍ରୀ, ବୈଶିଙ୍ଗା କେନାଲ ଡିଭିଜନ, ଲକ୍ଷ୍ମୀପୋଷି, ମୟୂରଭଞ୍ଜ।

୩-କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରି କରିବା।

୪- ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।

୫- ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ- ଉପ ଜିଲ୍ଲାପାଳ, ବାରିପଦା ।

୬- ଜମିର ବିବରଣୀ-

ଜିଲ୍ଲା	ତହସିଲ	ଗ୍ରାମ	ଗ୍ରାମାଞ୍ଚଳ / ସହରାଞ୍ଚଳ	ଖାତା ନଂ	ପ୍ଲଟ୍ ନଂ	ପ୍ଲଟ୍ ର ମୋଟ ରକବା	ଅଧିସୂଚୀତ ଜମିର ରକବା	ରୟତ୍‌ର ନାମ
ମୟୂରଭଞ୍ଜ	ବେତନଟୀ	ଅଁଳା	ଗ୍ରାମାଞ୍ଚଳ	ଏଥି ସହିତ ସଂଲଗ୍ନ	ଏଥି ସହିତ ସଂଲଗ୍ନ	ଏ. ୧୭.୦୫	ଏ. ୧.୪୮	ଏଥି ସହିତ ସଂଲଗ୍ନ

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ ନଂ ୨, ବହଳଦା, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ,ବାରିପଦା, ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି **ମୟୂରଭଞ୍ଜ** ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ଭୂମି ଅନୁସୂଚୀ

ଭୂଅର୍ଜନ ମାମଲା ସଂଖ୍ୟା- ୮୩/୨୦୨୩
ଏ.୧.୪୮ଡି.

ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ କେଶହରି ଡିଷ୍ଟ୍ରିବ୍ୟୁଟାରୀ ଏବଂ ଅଁଳା ସବ୍-ମାଇନର ନିମନ୍ତେ
ମୌଜା- ଅଁଳା, ଥାନା- ବୈଶିଙ୍ଗା ନଂ-୨୦୨, ତହସିଲ- ବେତନଟୀ, ଜିଲ୍ଲା-ମୟୂରଭଞ୍ଜ

ଖାତା ନଂ	ପ୍ଲଟ ନଂ	ମୋଟ ରକବା	ଆକ୍ୟୁଆର ରକବା	କିସମ	ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ
୧	୨	୩	୪	୫	୬
୨୪	୨୯୨	୦.୧୦	୦.୦୨	ଶାରଦ ଦୁଇ	ଶ୍ରୀ ଅଁଳାଶୁଣି ଠାକୁରାଣୀ ବିଜେ ନିଜଗାଁ ମାର୍ଫତ ବା:, କାଙ୍ଗାଳି ଦେହୁରୀ, ସନା ଦେହୁରୀ ପି: ଚିନ୍ତାମଣି ଦେହୁରୀ ଜା: ଭୂମିଜ ବା: ନିଜଗାଁ
୯୪	୨୭୫	୫.୮୦	୦.୧୮	ଶାରଦ ଏକ	ନରହରି ମହାନ୍ତ ପି:ଶ୍ରୀମନ୍ତ ମହାନ୍ତ ଜା: କୁଡୁମି ବା: ବାଘୁଆ
୧୨୮	୨୯୦	୦.୬୦	୦.୧୭	ଶାରଦ ଦୁଇ	ବସନ୍ତ କୁମାର ଦଳାଇ ପି:ପ୍ରଭୁ ଚରଣ ଦଳାଇ ଜା: ଖଣ୍ଡାୟତ ବା: ନିଜଗାଁ
୧୫୨	୩୦୯	୦.୨୭	୦.୦୧	ଶାରଦ ଦୁଇ	ବୁଧୁ ମହାନ୍ତ ପି:ଦ୍ୱାରି ମହାନ୍ତ ଜା: କୁଡୁମି ବା: ପାଞ୍ଚଭାୟା
	୩୨୦	୨.୩୪	୦.୧୬	ଶାରଦ ଦୁଇ	
୨୦୩	୨୮୩	୦.୪୦	୦.୦୬	ଶାରଦ ଏକ	ଶତ୍ରୁଘନ ମହାନ୍ତ, ସୁଦର୍ଶନ ମହାନ୍ତ ପି: ଜଗନ୍ନାଥ ମହାନ୍ତ ଜା: କୁଡୁମି ବା: ବେତନାସିଆ
୨୨୮	୨୯୪	୦.୪୬	୦.୨୧	ଶାରଦ ଦୁଇ	ଶ୍ରୀବସ୍ତ ସାମଲ ପି:ଭଜହରି ସାମଲ ଜା: ଖଣ୍ଡାୟତ ବା: ନିଜଗାଁ
୨୪୦	୨୮୨	୧.୪୪	୦.୨୪	ଶାରଦ ଦୁଇ	ସୁଲୋଚନା ଦଳାଇ ସ୍ୱା:ମୁରଲିଧର ଦଳାଇ ଜା: ଖଣ୍ଡାୟତ ବା: ନିଜଗାଁ
୨୪୯/୧୫	୨୮୯	୦.୧୪	୦.୦୪	ଶାରଦ ଦୁଇ	ଶ୍ରୀ ଅଁଳାଶୁଣୀ ଠାକୁରାଣୀ ବିଜେ ନିଜଗାଁ ମାର୍ଫତ ବା:, କାଙ୍ଗାଳି ଦେହୁରି, ସନା ଦେହୁରି ପି: ଚିନ୍ତାମଣି ଦେହୁରି ଜା: ଭୂମିଜ ବା: ନିଜଗାଁ
୨୪୯/୧୨୧	୨୮୭	୦.୮୬	୦.୦୯	ଶାରଦ ଦୁଇ	ନିତ୍ୟାନନ୍ଦ ଦଳାଇ ପି:ପରମା ନନ୍ଦ ଦଳାଇ ଜା: ଖଣ୍ଡାୟତ ବା: ନିଜଗାଁ
୨୪୯/୧୨୯	୨୯୩	୦.୨୮	୦.୦୫	ଶାରଦ ଦୁଇ	ବିଶ୍ୱଜିତ ପ୍ରଧାନ ପି:ରବିନ୍ଦ୍ର ପ୍ରଧାନ ଜା: ଖଣ୍ଡାୟତ ବା: ଡ଼ମ୍ବୁରୁଡ଼ହର
୨୪୯/୨୦୫	୨୭୬	୪.୩୬	୦.୨୫	ଶାରଦ ଏକ	ରାମକୃଷ୍ଣ ସାମଲ ପି: ଶ୍ରୀକାନ୍ତ ସାମଲ, ରାଜିବ ସାମଲ, ସଞ୍ଜିବ ସାମଲ, ଦେବସ୍ମିତା ସାମଲ ପି: ହରେକୃଷ୍ଣ ସାମଲ, ରେଣୁବାଳା ଦଲେଇ ସ୍ୱା: ହରେକୃଷ୍ଣ ସାମଲ ଜା: ଖଣ୍ଡାୟତ ବା: ନିଜଗାଁ
ମୋଟ	୧୨ ପ୍ଲଟକୁ	ଏ.୧୭.୦୫ ଡେ.ମି.	ଏ.୧.୪୮ ଡେ.ମି.		

ରାଜ୍ୟପାଳଙ୍କ ଆଦେଶକ୍ରମେ
ନୃସିଂହ ଚରଣ ସ୍ୱାଇଁ
ସ୍ୱତନ୍ତ୍ର ଶାସନ ସଚିବ

Printed and Published by the Director, Directorate of Printing, Stationery and Publication, Odisha, Cuttack-10
Ex. Gaz. 169—173+25